OFSDP
# ପ୍ରକଳ୍ପ ସୂଚନାପତ୍ର
## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଭାଗ - ୫/ ସଂସ୍କରଣ - ୪ | ଅକ୍ଟୋବର-ଡିସେମ୍ବର, ୨୦୧୧

## ବାର୍ତ୍ତା



୨୩୦୦ ବନ ସୁରକ୍ଷା ସମିତି ଅଧୀନରେ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହିତ ହେଉଥିବା ବିଷୟ ଜାଣି ମୁଁ ଖୁବ୍ ଖୁସି । ସେମାନଙ୍କ ଗ୍ରାମ ଓ ଯୁଗ୍ମ ବନ ପରିଚାଳନା ଜଙ୍ଗଲରୁ ସେମାନେ ବିଭିନ୍ନ ପ୍ରକାରର ସାମଗ୍ରୀ ବଜାର ପାଇଁ ପ୍ରସ୍ତୁତ କରୁଛନ୍ତି ଓ ପ୍ରତିଦାନରେ ତାହା ସେମାନଙ୍କୁ ଆୟ ପ୍ରଦାନ କରୁଛି । ଆହୁରି ମଧ୍ୟ ଖୁସିର ବିଷୟ ଯେ ପର୍ଯ୍ୟଟକମାନଙ୍କୁ ଗୋଷ୍ଠୀଭିତ୍ତିକ ସେବା ପ୍ରଦାନ ତଥା ଆୟ ସୃଷ୍ଟି ପାଇଁ ପରିବେଶ ପର୍ଯ୍ୟଟନ ଗୋଷ୍ଠୀ (ଇଟିଜି) ଗଠନ କରାଯାଉଛି । ସେହି ଗୋଷ୍ଠୀଗୁଡିକର ଜୀବିକା ନିର୍ବାହ ପାଇଁ ଭଲ ସଂଖ୍ୟକ କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରାଯାଉଛି । ବିକଳ୍ପ ପ୍ରତିପାଳନକ୍ଷମ ଜୀବିକା ନିର୍ବାହ ଧାରା ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଅର୍ଥନୈତିକ ବିକାଶ ହେଲେ ତାହାଦ୍ୱାରା ଜଙ୍ଗଲର ଭଲ ସୁରକ୍ଷା କରାଯାଇପାରିବ ବୋଲି ମୋର ମତ । ଆହୁରି ମଧ୍ୟ ଆଜିକାଲି ଭଲ ବିକାଶମୂଳକ କାର୍ଯ୍ୟ ପାଇଁ ଆର୍ଥିକ ଓ ବୈଷୟିକ ସହାୟତାର ଅଭାବ ନାହିଁ ।

ଉତ୍ପାଦନଶୀଳତା କୌଶଳ ବୃଦ୍ଧି ଏବଂ ନିର୍ଦ୍ଧାରିତ ମାନ ବଜାୟ ରଖି ଭଲ ପ୍ୟାକେଜିଂ କରିବାକୁ ମୁଁ ନିବେଦନ କରିବି । ବଜାର ସଂଯୋଗ ପାଇଁ ବିଶେଷଜ୍ଞ ସଂସ୍ଥା ମଧ୍ୟ ନିୟୋଜନ କରାଯାଇପାରିବ । ଇଟିଜି ସବୁ ସମୟରେ ସେମାନଙ୍କ କାର୍ଯ୍ୟକଳାପରେ ସ୍ୱାସ୍ଥ୍ୟ ରକ୍ଷା ଓ ସଫାସୁତରା ପ୍ରତି ତଥା ସେବାରେ ସୌଜନ୍ୟତା ଓ ନମ୍ରତା ପ୍ରତି ଧ୍ୟାନ ଦେବା ଉଚିତ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏହିପରି ଉଦ୍ୟମକୁ ସହାୟତା ଓ ପ୍ରୋତ୍ସାହନ ଦେବାକୁ ରହିଛି । ଗ୍ରାମ୍ୟ ଅର୍ଥନୀତିର ବିକାଶ, ପ୍ରତିପାଳନକ୍ଷମ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସହ ସେମାନଙ୍କ ଚାରିପାଖରେ ଥିବା ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ପ୍ରୋତ୍ସାହନ ଦିଗରେ ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସରକାରୀ ଅଧିକାରୀମାନେ ପରସ୍ପର ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବା ଉଚିତ ।

ସେମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି ।

ବି.କେ. ପଟ୍ଟନାୟକ, ଭା.ପ୍ର.ସେ.
ମୁଖ୍ୟ ଶାସନ ସଚିବ
ଏବଂ ଅଧ୍ୟକ୍ଷ, ଓଏଫଏସଡିପି



ଏହା ଖୁସିର ବିଷୟ ଯେ ଗତ ଦୁଇ ବର୍ଷ ମଧ୍ୟରେ ବହୁ ସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ ବନ ସୁରକ୍ଷା ସମିତି ମାଧ୍ୟମରେ ଗ୍ରାମରେ ଆୟକାରୀ କାର୍ଯ୍ୟକଳାପ କରିପାରୁଛନ୍ତି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପ୍ରୋତ୍ସାହନରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ କ୍ଲଷ୍ଟର (ପୁଞ୍ଜ) ଗଠନ କରି ସେମାନଙ୍କ ଜ୍ଞାନ କୌଶଳ ବଢାଇବା ସହ ଆୟ ମଧ୍ୟ ସୃଷ୍ଟି କରିପାରିବା ମଧ୍ୟ ଖୁସିର କଥା । ଜଙ୍ଗଲ ଆଖପାଖରେ ରହୁଥିବା ଲୋକଙ୍କ ଜୀବିକା ନିର୍ବାହ ମାନ ବୃଦ୍ଧି ତଥା ଜଙ୍ଗଲର ପୁନଃଉତ୍ଥାନ ଲକ୍ଷ୍ୟରେ ଯୁଗ୍ମ ବନ ପରିଚାଳନା ଧାରାରେ ନିର୍ଦ୍ଦେଶିତ ପ୍ରକଳ୍ପ କାର୍ଯ୍ୟକଳାପ ବନ ବିଭାଗ କର୍ମଚାରୀଙ୍କ ପାଇଁ ନୂତନ କାର୍ଯ୍ୟକ୍ରମଭାବେ କେନ୍ଦ୍ରୀଭୂତ ହୋଇଛି । ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ସେମାନଙ୍କ ଉତ୍ପାଦର ବିକ୍ରିବଟା ସ୍ଥାନୀୟ ଅଞ୍ଚଳ ତଥା ଓଡ଼ିଶାର ବିଭିନ୍ନ ମେଳାରେ କରିବା ସହ ସେମାନେ ନିଜର ଭଲ ଶିକ୍ଷା, ଅଭ୍ୟାସ ଓ ଅଭିଜ୍ଞତା ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ବନ କଂଗ୍ରେସ ଏବଂ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ପରିବେଶ କଂଗ୍ରେସର ଅଂଶଗ୍ରହଣକାରୀମାନଙ୍କ ସହ ବାଣ୍ଟିଛନ୍ତି ।

ସମସ୍ତ ବନ ସୁରକ୍ଷା ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ଗୋଟିଏ ଦିଗରେ ଧ୍ୟାନ ଦେବା ଉପରେ ମୁଁ ଗୁରୁତ୍ୱ ଦେବି, ତାହା ହେଲା ଗ୍ରାହକଙ୍କ ସନ୍ତୁଷ୍ଟି ଓ ଭଲ ବଜାର ସୁଯୋଗ ପାଇବା ପାଇଁ ଉତ୍ପାଦର ଉଚ୍ଚ ମାନ ବଜାୟ ରଖିବା ସହ ଭଲ ପ୍ୟାକିଂ କରିବା ଉଚିତ । ଗ୍ରାମ୍ୟସ୍ତରରେ ଥିବା ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବିକା ନିର୍ବାହ ମାନ ସୁରକ୍ଷିତ କରିବା ଦିଗରେ ପ୍ରକଳ୍ପରେ କାର୍ଯ୍ୟରତ ଅଧିକାରୀମାନେ କାର୍ଯ୍ୟ କରିବା ଆବଶ୍ୟକ ।

ସେମାନଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି ।

ଡଃ. ଆର.ଏନ. ସେନାପତି, ଭା.ପ୍ର.ସେ.
ଏପିସି ତଥା ଏସିଏସ
ଏବଂ ଉପାଧ୍ୟକ୍ଷ, ଓଏଫଏସଡିପି

# ଦକ୍ଷତା ବୃଦ୍ଧି



'ପବିତ୍ର ଉପବନ ସଂରକ୍ଷଣ' ଉପରେ ଦୁଇଟି ତାଲିମ କାର୍ଯ୍ୟକ୍ରମ ରାଉରକେଲାଠାରେ ୧୨-୧୩ ଅକ୍ଟୋବର ୨୦୧୧ରେ ଏବଂ ୧୪-୧୫ ଅକ୍ଟୋବରରେ ରାୟଗଡାଠାରେ ଅନୁଷ୍ଠିତ ହୋଇଥିଲା। ଅନୁଗୁଳ, ବାଲିଗୁଡା, ବାଲେଶ୍ୱର (ବନ୍ୟପ୍ରାଣୀ), ଭଦ୍ରକ(ବନ୍ୟପ୍ରାଣୀ), ବଣାଇ, ଦେବଗଡ, ଜୟପୁର, କେନ୍ଦୁଝର, କୋରାପୁଟ, ପାରଳାଖେମୁଣ୍ଡି, ଫୁଲବାଣୀ, ରାୟଗଡା ଓ ରାଉରକେଲା ଖଣ୍ଡୀୟ ପରିଚାଳନା କେନ୍ଦ୍ରର ୫୬ ଜଣ କ୍ଷେତ୍ର ପରିଚାଳନା କେନ୍ଦ୍ର ମୁଖ୍ୟ, ଏଫଇଏସ ଓ ବନପାଳ ଏହି ତାଲିମରେ ଯୋଗ ଦେଇଥିଲେ। ତାଲିମଦାତାଭାବେ ବିଭିର, ପୁଣେର ଦୁଇଜଣ ଅଂଶଗ୍ରହଣକାରୀଙ୍କୁ ଆବଶ୍ୟକ ତାଲିମ ପ୍ରଦାନ କରିଥିଲେ। ପବିତ୍ର ଉପବନର ମହତ୍ତ୍ୱ, ସଂରକ୍ଷଣ ଓ ପରିଚାଳନା ତଥା ଜଙ୍ଗଲ ସଂରକ୍ଷଣ ସହ ତାହାର ସଂଯୋଗ ଉପରେ କର୍ମଉପଯୋଗୀ ଜ୍ଞାନ ଆହରଣ ପାଇଁ ଅଂଶଗ୍ରହଣକାରୀମାନେ ରାଉରକେଲା ଓ ରାୟଗଡା ବନଖଣ୍ଡର ବିଭିନ୍ନ ପବିତ୍ର ଉପବନ ପରିଦର୍ଶନ କରିଥିଲେ। ଓଏଫଏସଡିପିର ପ୍ରକଳ୍ପ ନିର୍ଦ୍ଦେଶକ, ଜିସିର ଦଳପତି, ଉପ ପ୍ରକଳ୍ପ ନିର୍ଦ୍ଦେଶକ (ଏମପି ଆଣ୍ଡ ଏମଇ), ଉପ ପ୍ରକଳ୍ପ ନିର୍ଦ୍ଦେଶକ (ଏଫଟି ଆଣ୍ଡ ଟି) ଏବଂ ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ ରାୟଗଡା ଓ ରାଉରକେଲା ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରିଥିଲେ।

'ପ୍ରକୃତି ଗାଇଡ୍ ଓ ଅନୁବାଦକ' ଶୀର୍ଷକ ଏକ ତାଲିମ ଶିବିର ସାତକୋଶିଆ (ବନ୍ୟପ୍ରାଣୀ) ବନଖଣ୍ଡରେ ୧୯ରୁ ୨୧ ଅକ୍ଟୋବର ୨୦୧୧ ଯାଏଁ ଅନୁଷ୍ଠିତ ହୋଇଥିଲା। ପରିବେଶ ପର୍ଯ୍ୟଟନ ଅଞ୍ଚଳଗୁଡିକରେ ପ୍ରକୃତି ଓ ପ୍ରାକୃତିକ ସମ୍ପଦର ଗୁରୁତ୍ୱ ଉପରେ ଜ୍ଞାନ ପ୍ରଦାନ କରିବାକୁ ତଥା ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରାକୃତିକ ଗାଇଡଭାବେ ଗଢି ତୋଳିବା ଲକ୍ଷ୍ୟରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲଖାରୀ, କୁଲଡିହା ଏବଂ ସାତକୋଶିଆ (ବନ୍ୟପ୍ରାଣୀ) ଅଭୟାରଣ୍ୟ ଏବଂ ଫୁଲବାଣୀର ମଣ୍ଡାସରୁ ରୁ ୩୩ଜଣ ଇଡିସି ସଭ୍ୟ ଓ ଏଫଇଏସ ଏହି ତାଲିମରେ ଅଂଶଗ୍ରହଣ କରିଥିଲେ। ତାଲିମଦାତାଭାବେ ବିଖ୍ୟାତ ସରୀସୃପ ବିଦ୍ୟାବିତ୍ ପ୍ରଫେସର ଏସ.କେ ଦତ୍ତ, ପକ୍ଷୀତତ୍ତ୍ୱ ବିଶେଷଜ୍ଞ ଶ୍ରୀ ଗହେର ଆବାଡିଏନ, ଉଦ୍ଭିଦବିଜ୍ଞାନୀ ଶ୍ରୀ ପ୍ରସାଦକୁମାର ଦାସ, ବନ୍ୟପ୍ରାଣୀ ଜୀବତତ୍ତ୍ୱବିତ୍ ଶ୍ରୀ ପ୍ରତ୍ୟୁଷ ପ୍ରସାଦମହାପାତ୍ର, ଗୋଷ୍ଠୀ ବିକାଶ ବିଶେଷଜ୍ଞ ଶ୍ରୀ ଏମ.ଜି ଗୋଗେଟ୍ ଓ ଜୈବବିବିଧତା ବିଶେଷଜ୍ଞ ଶ୍ରୀ ମନୋଜ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।






ଭାଲିଆ ପ୍ରକ୍ରିୟାକରଣ ପାଇଁ କୌଶଳ ଓ ପ୍ରଦର୍ଶନ ଉପରେ ପୁଣି ଏକ ପରବର୍ତ୍ତୀ ତାଲିମ କାର୍ଯ୍ୟକ୍ରମ ୨୯ ଅକ୍ଟୋବରରୁ ୨ ନଭେମ୍ବର ୨୦୧୧ ଯାଏଁ ପାରଳାଖେମୁଣ୍ଡି ଓ ବାଲିଗୁଡା ବନଖଣ୍ଡର ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ଉନ୍ନତ କୌଶଳପୂର୍ଣ୍ଣଭାବେ ଭାଲିଆରୁ ତେଲ ବାହାର କରିବା ଏବଂ ଆଗୁଆ ତଥା ପଛୁଆ ସଂଯୋଗ ପ୍ରଦାନ ସହ ଜୀବିକା ନିର୍ବାହ ବିକାଶ ଏବଂ ଏଥିପାଇଁ କ୍ଲଷ୍ଟର ଗଠନ ପ୍ରକ୍ରିୟା ଉପରେ ଏହି ତାଲିମ ପ୍ରଦାନ କରାଯାଇଥିଲା। ସେବାବର୍ଦ୍ଧିନି, ପୁଣେର ଚାରିଜଣିଆ ଦଳ ବନ ସଂରକ୍ଷଣ ସମିତି ପରିଦର୍ଶନ କରି ତେଲ ବାହାର କରିବାର କୌଶଳ ଆବଶ୍ୟକ ତାଲିମ ପ୍ରଦାନ କରିବା ସହ ପ୍ରଦର୍ଶନ କରିଥିଲେ। ଏଥିସହ ଭାଲିଆ କ୍ଲଷ୍ଟର ଦକ୍ଷତା ଓ ବଜାର ସଂଯୋଗ ଉପରେ ମଧ୍ୟ ଆଲୋଚନା କରିଥିଲେ।



ବୃକ୍ଷରୋପଣର ବିକାଶ ଓ ନର୍ସରୀ ପାଇଁ ଜୈବ-ସାରର ତତ୍ତ୍ୱ ଓ ବ୍ୟବହାର ଉପରେ ଦୁଇଟି ତାଲିମ କାର୍ଯ୍ୟକ୍ରମ ରାଉରକେଲାଠାରେ ୮-୯ ନଭେମ୍ବର ୨୦୧୧ ଓ ରାୟଗଡାଠାରେ ୧୧-୧୨ ନଭେମ୍ବର ୨୦୧୧ରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୁଳ, ବଣାଇ, ଦେବଗଡ,କେନ୍ଦୁଝର, ରାଉରକେଲା, ବାଲିଗୁଡା, ପାରଳାଖେମୁଣ୍ଡି, ଫୁଲବାଣୀ, ରାୟଗଡା, କୋରାପୁଟ, ଜୟପୁର, ବାଲେଶ୍ୱର (ବନ୍ୟପ୍ରାଣୀ) ଏବଂ ଭଦ୍ରକ (ବନ୍ୟପ୍ରାଣୀ) ବନଖଣ୍ଡରୁ ମୋଟ ୫୯ ଜଣ ବନାଞ୍ଚଳ ଅଧିକାରୀ, ଏଫଇଏସ ଏବଂ ବନପାଳ ଏଥିରେ ଯୋଗ ଦେଇଥିଲେ। ତାଲିମରେ ଜୈବ-ସାର ପ୍ରତିପାଳନର ସଂସ୍କୃତି ଓ ତାହାକୁ ବୃଦ୍ଧି କରିବା, କ୍ଷେତ୍ରରେ ବ୍ୟବହାରର ନୀତି ନିୟମ ଏବଂ ଓଡ଼ିଶାରେ ଦେଖାଦେଉଥିବା ଭିନ୍ନ ପ୍ରଜାତିର ଗଛରେ ବିଭିନ୍ନ ପ୍ରକାରର ଜୈବ-ସାର ପ୍ରୟୋଗ ଉପରେ ଏଥିରେ ତାଲିମ ପ୍ରଦାନ କରାଯାଇଥିଲା।





'ବନ ବିଭାଗ ଅଧିକାରୀମାନଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ' ପାଇଁ ଦୁଇଟି କର୍ମଶାଳା ରାୟଗଡାଠାରେ ୧୪ରୁ ୧୬ ନଭେମ୍ବର ୨୦୧୧ ଏବଂ ଜି. ଉଦୟଗିରିଠାରେ ୧୮ରୁ ୨୦ ନଭେମ୍ବର ୨୦୧୧ ଯାଏଁ ଅନୁଷ୍ଠିତ ହୋଇଥିଲା। ଫୁଲବାଣୀ, ପାରଳାଖେମୁଣ୍ଡି, ବାଲିଗୁଡା, ରାୟଗଡା, କୋରାପୁଟ, ଜୟପୁର, ନବରଙ୍ଗପୁର, ଭଦ୍ରକ (ବନ୍ୟପ୍ରାଣୀ) ଏବଂ କଟକ ବନଖଣ୍ଡର ସହକାରୀ ବନଖଣ୍ଡ ଅଧିକାରୀ, ବନାଞ୍ଚଳ ଅଧିକାରୀ, ବନ ସମ୍ପ୍ରସାରଣ ସମୀକ୍ଷକ, ବନପାଳ, ବନରକ୍ଷୀଙ୍କୁ ମିଶାଇ ମୋଟ ୬୧ଜଣ ଏଥିରେ ଯୋଗ ଦେଇଥିଲେ। ହାସଲଫ୍ରେ ଫାଉଣ୍ଡେସନ ଚେନ୍ନାଇର ସମ୍ବଳ ବ୍ୟକ୍ତିମାନେ ଏହି ତାଲିମ ପ୍ରଦାନ କରିଥିଲେ। ନିଜ ଭିତରେ ରହିଥିବା ଆଭ୍ୟନ୍ତରୀଣ ଦକ୍ଷତାକୁ କିପରି କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିହେବ ତାହା ଉପରେ ଅଂଶଗ୍ରହଣକାରୀମାନେ ଜ୍ଞାନ ଆହରଣ କରିବା ସହ ସଚେତନତା ଲାଭ କରିଥିଲେ।

'ପରିବେଶ ପର୍ଯ୍ୟଟନ, ଚିନ୍ତାଧାରା, ନୀତି ନିୟମ ଓ ବ୍ୟବସାୟ ଧାରା ବିକାଶ' ଶୀର୍ଷକ ଏକ ପାରସ୍ପରିକ ଆଲୋଚନାଭିତ୍ତିକ ତାଲିମ ତଥା ଶିକ୍ଷା ପରିଭ୍ରମଣ କେରଳରେ ୧୫ରୁ ୨୦ ନଭେମ୍ବର ୨୦୧୧ ଯାଏଁ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ଜଣ ବରିଷ୍ଠ ବନ ଅଧିକାରୀ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ, ବନ ସଂରକ୍ଷକ, ବନଖଣ୍ଡ ଅଧିକାରୀ, ସହକାରୀ ବନଖଣ୍ଡ ଅଧିକାରୀ ଏବଂ ବନାଞ୍ଚଳ ଅଧିକାରୀ ପ୍ରମୁଖ ଭାଗ ନେଇଥିଲେ। ଏହି ଦଳ ପେରିୟାର ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ, ଏରାଭିକୁଲମ ଜାତୀୟ ଉଦ୍ୟାନ, କେରଳ ବନ ଉନ୍ନୟନ ନିଗମ ଦ୍ୱାରା ପରିଚାଳିତ ଗାଭି ପରିବେଶ-ପର୍ଯ୍ୟଟନ କେନ୍ଦ୍ର ଏବଂ ଭେମ୍ବାନାଡ୍ ହ୍ରଦର ବ୍ୟାକ୍ ୱାଟର ପର୍ଯ୍ୟଟନ ଅଞ୍ଚଳ କୁମାରକୋମ ପରିଦର୍ଶନ କରି ପରିବେଶ ପର୍ଯ୍ୟଟନ ତଥା ତାର ପରିଚାଳନା ଉପରେ ଜ୍ଞାନ ଆହରଣ କରିଥିଲେ। ପେରିୟାର ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳର କ୍ଷେତ୍ର ନିର୍ଦ୍ଦେଶକ ଏବଂ ଉପ କ୍ଷେତ୍ର ନିର୍ଦ୍ଦେଶକ ପେରିୟାର ଫାଉଣ୍ଡେସନର ଅନ୍ୟ ଅଧିକାରୀ ତଥା ପରିବେଶ ବିକାଶ କମିଟିଗୁଡିକର ସଭ୍ୟମାନେ ଏହି ଦଳ ସହ ଆଲୋଚନା କରିଥିଲେ।

# ଆନ୍ତର୍ଜାତିକ ଜଙ୍ଗଲ ବର୍ଷ ୨୦୧୧ ପାଳନ






ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ଜଙ୍ଗଲ ବର୍ଷ ପାଳନ କରାଯାଇଥିଲା। ଏଥିପାଇଁ ଆୟୋଜିତ ଓଡ଼ିଶା ପରିବେଶ କଂଗ୍ରେସ-୨୦୧୧ ହ୍ୟୁମାନ ଡେଭେଲପମେଣ୍ଟ ଫାଉଣ୍ଡେସନ, ଭୁବନେଶ୍ୱର, ରିଜିଓନାଲ ମ୍ୟୁଜିୟମ ଅଫ ନ୍ୟାଚୁରାଲ ହିଷ୍ଟ୍ରି ଏବଂ ସେଣ୍ଟର ଫର ଏନଭାଇରନମେଣ୍ଟ ଆଣ୍ଡ ଡେଭେଲପମେଣ୍ଟ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିବାବେଳେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏଥିରେ ସହାୟତା କରିଥିଲା।

'ଜଙ୍ଗଲ ଲୋକଙ୍କ ପାଇଁ' ଶୀର୍ଷକ ଚାରୋଟି ଆଞ୍ଚଳିକ କର୍ମଶାଳା କୁଳପତି ଓ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ମିଳିତ ଅଧ୍ୟକ୍ଷତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟଠାରେ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲ ସୁରକ୍ଷା କମିଟି, ଜଙ୍ଗଲ ଉପରେ ନିର୍ଭରଶୀଳ ଗୋଷ୍ଠୀର ପ୍ରତିନିଧିମାନେ ଏଥିରେ ଯୋଗ ଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।


'ଓଡ଼ିଶାର ଜଙ୍ଗଲ ସମ୍ପଦ: ସମସ୍ୟା, ଆହ୍ୱାନ ଏବଂ ଦକ୍ଷତା' ଶୀର୍ଷକ ତିନିଦିନିଆ ଓଡ଼ିଶା ପରିବେଶ କଂଗ୍ରେସ ୨୨ରୁ ୨୪ ନଭେମ୍ବର ଯାଏଁ ଅନୁଷ୍ଠିତ ହୋଇଥିଲା। ଜୟଦେବ ଭବନ, ଭୁବନେଶ୍ୱରଠାରେ ଏହାକୁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ ଜଙ୍ଗଲ ମହାନିର୍ଦ୍ଦେଶକ, ଡଃ ପି.ଜେ. ଦିଲୀପକୁମାର, ଭା.ବ.ସେ. ଉଦ୍‌ଘାଟନ ଉତ୍ସବର ମୁଖ୍ୟ ବକ୍ତୃତା ପ୍ରଦାନ କରିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଆର.କେ ଶର୍ମା, ଭା.ପ୍ର.ସେ., ଓଡ଼ିଶାର ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ପି.ଏନ ପାଢୀ, ଭା.ବ.ସେ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବିନୋଦକୁମାର, ଭା.ବ.ସେ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ।

କଂଗ୍ରେସର ବୈଷୟିକ ଅଧିବେଶନଗୁଡ଼ିକ ରିଜିଓନାଲ ମ୍ୟୁଜିୟମ ଅଫ ନ୍ୟାଚୁରାଲ ହିଷ୍ଟ୍ରି (ଆରଏମଏନଏଚ)ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଜୈବ ବିବିଧତା ଓ ଜଙ୍ଗଲ ଉପରେ ବ୍ୟାପକ ପୋଷ୍ଟର, ଫଟୋ ଓ ଚିତ୍ରାଙ୍କନ ପ୍ରଦର୍ଶନ କରାଯାଇଥିଲା। ଜଙ୍ଗଲ ଓ ପରିବେଶ ସଂକ୍ରାନ୍ତ ବିଭିନ୍ନ ସନ୍ଦର୍ଭ ବିଭିନ୍ନ କ୍ଷେତ୍ରର ଜ୍ଞାନୀଗୁଣୀ ଲୋକେ ଉପସ୍ଥାପନ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସ ପୂର୍ବରୁ ସମସ୍ତ ଜିଲ୍ଲାର ସଦର ମହକୁମାଠାରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହି ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ଯାପନ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ଯୁବ ବିଜ୍ଞାନୀ ଓ 'ବନାନୀ'ର ପୁରସ୍କାର ବିଜେତାମାନଙ୍କୁ ମଧ୍ୟ ଉଦ୍‌ଯାପନ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ସରକାରୀ ବିଭାଗର ପ୍ରତିନିଧି, ବେସରକାରୀ ସଙ୍ଗଠନ, ବନ ସୁରକ୍ଷା ସମିତି ସଭ୍ୟ ଏବଂ ଅନ୍ୟ ପରିବେଶବିତମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ନାରୀଶକ୍ତି ତେନ୍ତୁଳି କ୍ଲଷ୍ଟର ଅଧିକ ବ୍ୟବସାୟ ପାଇଁ ଆଗ୍ରହୀ

ପାରଳାଖେମୁଣ୍ଡି ଖଣ୍ଡୀୟ ପରିଚାଳନା କେନ୍ଦ୍ର ଅନ୍ତର୍ଗତ ମୋହନା କ୍ଷେତ୍ର ପରିଚାଳନା କେନ୍ଦ୍ର ଅଧୀନସ୍ଥ ନାରୀଶକ୍ତି ତେନ୍ତୁଳି କ୍ଲଷ୍ଟର ସଫଳତାର ସହ ବ୍ୟବସାୟ କରୁଛି। ଓଏଫଏସଡିପି ପକ୍ଷରୁ କରାଯାଇଥିବା ଜୀବିକା ନିର୍ବାହ ବିକାଶ ସୁଯୋଗ ବିଶ୍ଳେଷଣ ରିପୋର୍ଟରେ ଏହି ଅଞ୍ଚଳରେ ତେନ୍ତୁଳି ବ୍ୟବସାୟ କରାଯାଇପାରିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ରିପୋର୍ଟ ଆଧାରରେ ଆୟକାରୀ କାର୍ଯ୍ୟକଳାପ ସହଯୋଗ ସଂସ୍ଥା (ଆଇଜିଏଏସଏ)ର ଦଳ ସେଠାରେ ଆଠୋଟି ବନ ସୁରକ୍ଷା ସମିତିର ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀ ଚିହ୍ନଟ କରି ନାରୀଶକ୍ତି ନାମକ ଏକ ଗୋଷ୍ଠୀ (କ୍ଲଷ୍ଟର) ଗଠନ କଲେ। ତେନ୍ତୁଳି ବ୍ୟବସାୟ ପାଇଁ ବ୍ୟବସାୟ ଯୋଜନା ପ୍ରସ୍ତୁତ ହେଲା ଓ ବିଭିନ୍ନ ଭିଏସଏସରୁ ୧,୫୦,୦୦୦ ଟଙ୍କା ଋଣ ମଞ୍ଜୁର ହେଲା। ଏଥିସହ ଏସଏଚଜିଗୁଡ଼ିକ ନିଜ ପାଣ୍ଠିରୁ ୧,୨୨,୩୦୦ ଟଙ୍କା ମିଶାଇଲେ। ଏହି ଟଙ୍କାରେ ମୋଟ ୧୩୪.୭୨ କୁଇଣ୍ଟାଲ ତେନ୍ତୁଳି କିଣାଯାଇ ସମ୍ପୃକ୍ତ ଭିଏସଏସ କାର୍ଯ୍ୟାଳୟରେ ମହଜୁଦ କରାଗଲା। ଏହି ସମୟ ମଧ୍ୟରେ ସ୍ଥାନୀୟ ତେନ୍ତୁଳି ବ୍ୟବସାୟୀମାନେ ଏ ବିଷୟରେ ଜାଣି ପାରିଲେ ଓ ନିଜର କ୍ଷତି ହେବ ବୋଲି ଭାବି ଏହି ଗୋଷ୍ଠୀଭିତ୍ତିକ କାର୍ଯ୍ୟକ୍ରମ ବିଫଳ ହେବାକୁ ବିଭିନ୍ନ ଫନ୍ଦିଫିକର କଲେ। ତେବେ ଓଏଫଏସଡିପି ଆଇଜିଏଏସଏ ଦଳ ଏବଂ ବନ ବିଭାଗ ଅଧିକାରୀଙ୍କ ସହାୟତା ଯୋଗୁଁ ସେମାନେ ନିଜ ଅଭିସନ୍ଧିରେ ସଫଳ ହୋଇପାରିଲେ ନାହିଁ। ଶେଷରେ ବିଭିନ୍ନ ବଜାରରୁ ବ୍ୟବସାୟୀମାନେ ଆସି ଏହି ଗୋଷ୍ଠୀରୁ ତେନ୍ତୁଳି କିଣିଲେ। ଏହି ବ୍ୟବସାୟରୁ ନାରୀଶକ୍ତି ଗୋଷ୍ଠୀ ମୋଟ ୧, ୭୯,୬୦୦ ଟଙ୍କା ଲାଭ କଲେ। ସେମାନେ ଭିଏସଏସକୁ ଋଣ ପରିଶୋଧ କରିବା ପରେ ଏବେ ଏତେ ଲାଭ ହୋଇପାରିଥିବାରୁ ଖୁବ୍ ଖୁସି ଅଛନ୍ତି। ଏହି ବ୍ୟବସାୟ ପୁନର୍ବାର କରିବାକୁ ସେମାନେ ଯୋଜନା କରିଛନ୍ତି।





# ଗ୍ରାମ୍ୟ ସମ୍ପ୍ରଦାୟ ପାଇଁ ବିକଳ୍ପ ରୋଜଗ

## ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ଏକାଭିମୁଖୀକରଣ ଦ୍ୱାରା ଝାଡୁ ଚାରାରୋପଣ





ବାଲିଗୁଡା ବନଖଣ୍ଡର କୁକେରମାହା ବନ ସୁରକ୍ଷା ସମିତି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକ୍ରମକୁ ୨୦୧୦-୧୧ ମସିହାଠାରୁ ଚତୁର୍ଥ ଦଫାରେ ସିମନବାଡି ବନାଞ୍ଚଳ ମାଧ୍ୟମରେ କାର୍ଯ୍ୟକାରୀ କରିଆସୁଅଛି। ଦ୍ୱିତୀୟବାର ଚାଷ ପାଇଁ ସେଠାରେ କୌଣସି ଦୀର୍ଘସ୍ଥାୟୀ ଜଳ ଉତ୍ସ ନାହିଁ। ଜୀବିକା ନିର୍ବାହ ପାଇଁ ଲୋକେ କେବଳ ବର୍ଷା ଉପରେ ନିର୍ଭର କରି ଧାନ ଚାଷ କରନ୍ତି। ହଳଦୀ ଚାଷ ପାଇଁ ସେମାନଙ୍କ ପାଖରେ ବିଶେଷ ଜମି ମଧ୍ୟ ନାହିଁ। ସେଠାରେ ଶିଆଳି ପତ୍ର ଓ ଝାଡୁ ମିଳୁଥିଲେ ମଧ୍ୟ ନିୟମିତଭାବେ ଆୟକାରୀ କାର୍ଯ୍ୟକଳାପ ପାଇଁ ତାହା ପର୍ଯ୍ୟାପ୍ତ ହେଉ ନ ଥିଲା। ସେଥିପାଇଁ ଲୋକଙ୍କ ଆୟ ନିମ୍ନସ୍ତରରେ ରହିଥିଲା। ତେଣୁ ଏଠାରେ ଓଏଫଏସଡିପି କାର୍ଯ୍ୟକାରିତା ପରେ ଜୀବିକା ନିର୍ବାହକୁ ବିକଶିତ କରିବା ପାଇଁ ଅନ୍ୟ ବିଭାଗ ସହ ଏକାଭିମୁଖୀକରଣ କରାଯିବ ବୋଲି ସ୍ଥିର କରାଗଲା।

ଏହି ଭିଏସଏସ ଅଞ୍ଚଳର ଦୁଇଟି ଗ୍ରାମରେ ଜଳ ବିଭାଜିକା ବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ସେହି ଦୁଇ ଗ୍ରାମ ହେଲା ଦାରିଙ୍ଗିବାଡି ପିଆଇଏ ଅଧୀନ କୁକେରମାହା ଓ ଦାଣ୍ଡରମୁଣ୍ଡା। ଭିଏସଏସ ସଭାପତି, କ୍ଷେତ୍ର ବିଶେଷଜ୍ଞ, ଗ୍ରାମ୍ୟ ବନ ସହାୟକ ଏ ସମ୍ପର୍କରେ ଜଳ ବିଭାଜିକା ବିକାଶ କାର୍ଯ୍ୟକ୍ରମର କମିଟି ସହ ଆଲୋଚନା କରିଥିଲେ। ଏହି କମିଟିର ସଭ୍ୟମାନେ ମଧ୍ୟ ଭିଏସଏସର ସଭ୍ୟ ଅଛନ୍ତି, ସେମାନେ ପ୍ରକଳ୍ପ କାର୍ଯ୍ୟକର୍ତ୍ତା (ପିଆଇଏ)କୁ ଝାଡୁ ଚାରା ଯୋଗାଣ ପାଇଁ ନିବେଦନ କଲେ। ଜୁଲାଇ ମାସରେ ୪୫୦୦ ଚାରା ଦାରିଙ୍ଗିବାଡି ପିଆଇଏ ମାଧ୍ୟମରେ ସଂଗ୍ରହ କରାଯାଇ ନଅ ଜଣ ହିତାଧିକାରୀଙ୍କୁ ସେମାନଙ୍କ ଜମିରେ ରୋପଣ ପାଇଁ ପ୍ରଦାନ କରାଗଲା। ସେମାନେ ଆବଶ୍ୟକ ସାର ଦେବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ କରିଥିବାରୁ ଚାରାଗୁଡ଼ିକ ଖୁବ୍ ଭଲଭାବେ ବଢ଼ିଛି। ସେମାନଙ୍କ ମଧ୍ୟରୁ ସମସ୍ତେ ବୃକ୍ଷରୋପଣର ଉପଯୁକ୍ତ ଯତ୍ନ ନେବେ ବୋଲି ସ୍ଥିର କରିବା ସହ ତାହାର ବଡ ଶତ୍ରୁ ଚାରଣକୁ ବାରଣ କରିଛନ୍ତି। ୨୦୧୨ ମସିହା ପରେ ହିତାଧିକାରୀମାନେ ଭଲ ଲାଭ ପାଇବେ।

**ଅରୁଣ ବେହେରା, ଏଫଏଲଇ, ବାଲିଗୁଡା**

## ଝାଡୁ ନିର୍ମାଣ କରି ସ୍ୱୟଂ ସହାୟକ ଗୋଷ୍ଠୀ ଲାଭ ପାଉଛି





ଅନୁଗୁଳ ଖଣ୍ଡୀୟ ପରିଚାଳନା କେନ୍ଦ୍ର, ଦୁର୍ଗାପୁର ବନାଞ୍ଚଳ ଅନ୍ତର୍ଗତ ପଳାଶବଣିଆ ବନ ସୁରକ୍ଷା ସମିତି ଅଧୀନରେ କସ୍ତୁରବା ସ୍ୱୟଂ ସହାୟକ ଗୋଷ୍ଠୀ ଅଣୁ ଉଦ୍ୟୋଗ କ୍ଷେତ୍ରରେ ଉଦାହରଣୀୟ କାର୍ଯ୍ୟ କରିଛନ୍ତି। ଓଏଫଏସଡିପିର ଆବର୍ତ୍ତନ ପାଣ୍ଠି ସହାୟତା ଦ୍ୱାରା ସେମାନେ ଝାଡୁ ତିଆରି କରି ଏହି ସଫଳତା ପାଇଛନ୍ତି। ସେମାନେ ଝାଡୁ ତିଆରି ମାଧ୍ୟମରେ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ ହେଲା ଓ ସେହି ଅନୁସାରେ ଭିଏସଏସ ୧୦,୦୦୦ ଟଙ୍କା ଋଣ ପ୍ରଦାନ କଲା। ସେମାନେ ନିଜକୁ ତିନିଟି ଛୋଟ ଗୋଷ୍ଠୀରେ ବିଭକ୍ତ କଲେ। ପ୍ରଥମ ଗୋଷ୍ଠୀ ନିକଟରେ ଥିବା ଜଙ୍ଗଲରୁ ଝାଡୁ ସଂଗ୍ରହ କଲେ, ଦ୍ୱିତୀୟ ଗୋଷ୍ଠୀ ଝାଡୁ ତିଆରି କଲେ ଓ ତୃତୀୟ ଗୋଷ୍ଠୀ ତାହାକୁ ବଜାରରେ ବିକ୍ରି କଲେ। ଅନୁଗୁଳର ଜଣେ ସ୍ଥାନୀୟ ବ୍ୟବସାୟୀଙ୍କୁ ମୋଟ ୮୨୪ଟି ଝାଡୁ ଗୋଟା ପିଛା ୧୫ ଟଙ୍କା ଦରରେ ବିକ୍ରି କରାଗଲା ଓ ମୋଟ ୧୨୩୬୦ ଟଙ୍କା ମିଳିଲା। ଏହି କାରବାର ପରେ ଏସଏଚଜି ସୁଧ ସମେତ ୧୦୩୫୦ ଟଙ୍କା ଋଣ ଭିଏସଏସକୁ ଶୁଝି ୨୦୧୦ ଟଙ୍କା ଲାଭ କରିପାରିଲା। ଦ୍ୱିତୀୟ ଥର ଏସଏଚଜି ଭିଏସଏସରୁ ୨୦,୦୦୦ ଟଙ୍କା ଋଣ ନେଇ ୨୦୬୪ ଟଙ୍କା ଓ ୧୬୨୦ ଟଙ୍କା ଲାଭ କରିଥିବାବେଳେ କିଛି ପରିମାଣରେ ଋଣ ଫେରାଇଛି। ଏହି ଏସଏଚଜି ଗୋଟିଏ ବ୍ୟବସାୟ ଚକ୍ରରେ ମାସିକ ହାରାହାରି ୭୦୦ରୁ ୮୦୦ ଝାଡୁ ବିକ୍ରି କରୁଛି। ନିୟମିତ ବ୍ୟବସାୟ ପାଇଁ ଏହି ଏସଏଚଜି ସଭ୍ୟମାନେ ବଇଣ୍ଡା ଓ ଅନୁଗୁଳର ବ୍ୟବସାୟୀମାନଙ୍କ ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କ ବ୍ୟବସାୟର ଆକାର ବଢ଼ାଇବାକୁ ଦୀର୍ଘମିଆଦୀ କରିବାକୁ ପ୍ରସ୍ତୁତ ହୋଇପାରିଛନ୍ତି।

**ବିକାଶ ସାମନ୍ତରାୟ, ଏଫଏଲଇ, ଅନୁଗୁଳ**

# ଗାର ପନ୍ଥା ଭାବେ କାମ କରୁଛି ଝାଡୁ

## ଝାଡୁ ପାଇଁ କ୍ଲଷ୍ଟର ସ୍ଥାପନ





ଓଏଫଏସଡିପି ଦ୍ୱାରା କରାଯାଇଥିବା ଜୀବିକା ନିର୍ବାହ ବିକାଶ ସୁଯୋଗ ବିଶ୍ଳେଷଣ ରିପୋର୍ଟରେ ରାୟଗଡା ଖଣ୍ଡୀୟ ପରିଚାଳନା କେନ୍ଦ୍ର କାଶୀପୁର କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ମାଣ୍ଡିବିଶି ଅଞ୍ଚଳରେ ଝାଡୁ କ୍ଲଷ୍ଟର କରାଯାଇପାରିବ ବୋଲି ଅନୁମୋଦନ କରାଯାଇଥିଲା। ପୂର୍ବରୁ ଏହି ଅଞ୍ଚଳର ଲୋକେ ଝାଡୁ ବ୍ୟବସାୟ କରୁଥିଲେ ମଧ୍ୟ ତାହା ଅସଙ୍ଗଠିତଭାବେ ହେଉଥିଲା। ସେମାନେ ଝାଡୁ ସଂଗ୍ରହ କରୁଥିଲେ ଓ କଞ୍ଚା ଥିବା ସମୟରେ ହିଁ ସଙ୍ଗେ ସଙ୍ଗେ ସ୍ଥାନୀୟ ବ୍ୟବସାୟୀଙ୍କୁ ତାହା ବିକ୍ରି କରିଦେଉଥିଲେ, କାରଣ ଅଭାବ ସମୟରେ ଉକ୍ତ ବ୍ୟବସାୟୀ ସେମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥିଲା। ପ୍ରାୟ ଅଧିକାଂଶ ସମୟରେ ସେମାନେ ବ୍ୟବସାୟୀଙ୍କ ଦ୍ୱାରା ଦର ଓ ଓଜନ ଠକେଇର ଶିକାର ହେଉଥିଲେ। ଓଏଫଏସଡିପିର ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ସହାୟକ ସଂସ୍ଥା (ଆଇଜିଏଏସଏ) ୮ଟି ଭିଏସଏସର ୧୪ଟି ଏସଏଚଜିକୁ ନେଇ ଏକ କ୍ଲଷ୍ଟର ଗଠନ କଲା। ଯଦିଓ ସମସ୍ତ ଏସଏଚଜି ବ୍ୟବସାୟ ପାଇଁ ଋଣ ନେଇଥିଲେ କିନ୍ତୁ ହଳିଆସାହି ଭିଏସଏସର ମହାଲକ୍ଷ୍ମୀ ଓ ଖଣ୍ଡୁଆଳ ଏସଏଚଜି, ମାଝି ଭିଏସଏସର ଲକ୍ଷ୍ମୀବାଈ ଓ ବାହାରପଡା ଏସଏଚଜି, ଉଷାବାଲି ଭିଏସଏସର ମା' ଠାକୁରାଣୀ ଓ କୁଟିଗାଁ ଭିଏସଏସର ଖଣ୍ଡୁଆଳ ଏସଏଚଜି ଏଥିରେ ଭାଗ ନେଇଥିଲେ।

ଆଇଜିଏଏସଏ ଦଳ ପ୍ରତି ଗୋଷ୍ଠୀ ପାଇଁ ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବା ସହ ଗୋଷ୍ଠୀ କେତେ ପରିମାଣର ଝାଡୁ କିଣିବ ତାହା ସ୍ଥିର କରିଥିଲା। ବ୍ୟବସାୟ ବିକାଶ ଯୋଜନା ଅନୁସାରେ ନିଜ ନିଜ ଭିଏସଏସର ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିରୁ ମହାଲକ୍ଷ୍ମୀ ଏସଏଚଜି ୫୦,୦୦୦ ଟଙ୍କା, ଖଣ୍ଡୁଆଳ ଏସଏଚଜି ୨୦,୦୦୦ ଟଙ୍କା, ଲକ୍ଷ୍ମୀବାଈ ଏସଏଚଜି ୨୫, ୦୦୦ ଟଙ୍କା, ମା' ଠାକୁରାଣୀ ଏସଏଚଜି ୬୦,୦୦୦ ଟଙ୍କା ଓ ଖଣ୍ଡୁଆଳ ଏସଏଚଜି ୨୫,୦୦୦ ଟଙ୍କା ଋଣ ନେଲେ। ଏହି ଟଙ୍କାରେ ଏସଏଚଜିଗୁଡିକ ୧.୮୦ ଲକ୍ଷ ଟଙ୍କା ମୂଲ୍ୟର ୬୫.୫ କୁଇଣ୍ଟାଲ କଞ୍ଚାମାଲ କିଣିଲେ। ଏହି କ୍ଲଷ୍ଟର କଞ୍ଚାମାଲରୁ ୧୦,୩୧୬ଟି ଝାଡୁ ପ୍ରସ୍ତୁତ କଲା। ଇତିମଧ୍ୟରେ ପ୍ରସ୍ତୁତ ଝାଡୁ ଉଚ୍ଚଦରରେ ବଜାରରେ ବିକ୍ରି କରିବାକୁ ବିଭିନ୍ନ ସୁଯୋଗ ଅନ୍ୱେଷଣ କରାଯାଇଥିଲା। ସେମାନେ ଆନ୍ଧ୍ର, ଓଡ଼ିଶା ଓ ତାମିଲନାଡୁ ରାଜ୍ୟର ବିଭିନ୍ନ ବ୍ୟବସାୟୀଙ୍କୁ ଯୋଗାଯୋଗ କରିଥିଲେ। ଶେଷରେ ଚେନ୍ନାଇର ବ୍ୟବସାୟୀ ଶ୍ରୀ ଦେବରାଜ ତିନିଟି ପର୍ଯ୍ୟାୟରେ ସମସ୍ତ ଝାଡୁ ୨୨, ୨୩ ଓ ୨୫ ଟଙ୍କା ଦରରେ କିଣିନେଲେ। ସମସ୍ତ ଝାଡୁ ୨, ୨୯,୭୯୭ ଟଙ୍କାରେ ବିକ୍ରି ହେଲା। ସୁଧ ସମେତ ଋଣ ଭିଏସଏସକୁ ଫେରସ୍ତ କରାଯିବା ପରେ ମହାଲକ୍ଷ୍ମୀ ଏସଏଚଜି ୧୩,୮୩୭ ଟଙ୍କା, ଖଣ୍ଡୁଆଳ ଏସଏଚଜି ୩,୭୩୦ ଟଙ୍କା, ଲକ୍ଷ୍ମୀବାଈ ଏସଏଚଜି ୬,୧୯୨ ଟଙ୍କା, ମା' ଠାକୁରାଣୀ ଏସଏଚଜି ୧୨,୯୫୦ ଟଙ୍କା ଓ ଖଣ୍ଡୁଆଳ ଏସଏଚଜି ୯,୩୫୦ ଟଙ୍କା ଲାଭ ପାଇଲେ। ଏବେ ସେମାନେ ଝାଡୁ ବ୍ୟବସାୟ ନିୟମିତଭାବେ କରିବାକୁ ଆଗ୍ରହୀ ଅଛନ୍ତି।

ଦିଗମ୍ବର ଦାସବାବୁ, ୟୁଏଲସିଏମ, କେ. ସିଙ୍ଗପୁର

## ଝାଡୁ: ଧନଲକ୍ଷ୍ମୀ ଏସଏଚଜି ପାଇଁ ନିୟମିତ ବ୍ୟବସାୟ





ରାୟଗଡା ଖଣ୍ଡୀୟ ପରିଚାଳନା କେନ୍ଦ୍ର ଗୁଡାରୀ କ୍ଷେତ୍ର ପରିଚାଳନା କେନ୍ଦ୍ର ଅନ୍ତର୍ଗତ ବାଡିଗାଁ ହେଉଛି ଦ୍ୱିତୀୟ ଦଫା ଭିଏସଏସ। ଗ୍ରାମର ତିନି ଦିଗ ଦୁରୁଘାଟି ଜଙ୍ଗଲ ଦ୍ୱାରା ଆଚ୍ଛାଦିତ। ମୋଟ ୩୯ ପରିବାର ମଧ୍ୟରୁ ୩୫ଟି ପରିବାର ଆଦିବାସୀ ସମ୍ପ୍ରଦାୟର। ସେମାନେ ମୁଖ୍ୟତଃ ଜଙ୍ଗଲରୁ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ କରି, ଚାଷ କରି ଓ ଦିନ ମଜୁରିଆଭାବେ କାମ କରି ଗୁଜୁରାଣ ମେଣ୍ଟାନ୍ତି। ସମସ୍ତ ପରିବାରର କିଛି କିଛି ଜମି ପାହାଡ ତଳେ ରହିଛି।

କିଛି ବର୍ଷ ତଳେ ଗ୍ରାମରେ ଗଠିତ ହୋଇଥିବା ଧନଲକ୍ଷ୍ମୀ ନାମକ ସ୍ୱୟଂ ସହାୟକ ଗୋଷ୍ଠୀ ଅଚଳ ହୋଇପଡିରହିଥିଲା। ଓଏଫଏସଡିପିର ଆଇଜିଏଏସଏ ଦଳ ଏସଏଚଜିରେ ନିୟମିତ ବୈଠକ ଆୟୋଜନ କରାଇ, ରେକର୍ଡ ରକ୍ଷଣାବେକ୍ଷଣ ଶିକ୍ଷା ଦେଇ, ତାଲିମ ଦେଇ ଆୟ ସୃଷ୍ଟିକାରୀ କାର୍ଯ୍ୟକଳାପ ପାଇଁ ବାଟ ବତେଇ ଏହି ଏସଏଚଜିକୁ ପୁନଃ କାର୍ଯ୍ୟକ୍ଷମ କରାଇଲା। ଏସଏଚଜି ସଭ୍ୟମାନଙ୍କ ଇଚ୍ଛା ଓ କଞ୍ଚାମାଲର ଉପଲବ୍ଧତା ଦେଖି ଆୟ ବଢାଇବା ପାଇଁ ଏସଏଚଜି ଝାଡୁ ବ୍ୟବସାୟ କରିବ ବୋଲି ସ୍ଥିର ହେଲା। ଏକ ବ୍ୟବସାୟ ଯୋଜନା ପ୍ରସ୍ତୁତ ହେଲା ଓ ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିରୁ ଭିଏସଏସ ଏଥିପାଇଁ ୨୦,୦୦୦ ଟଙ୍କା ଋଣ ପ୍ରଦାନ କଲା। ନିଜ ପାଣ୍ଠିରୁ ଏସଏଚଜି ସଭ୍ୟମାନେ ୬,୪୦୦ ଟଙ୍କା ଏଥିରେ ମିଶାଇଲେ। ୩୫ ଟଙ୍କା ପ୍ରତି କେ.ଜି ଦରରେ ସେମାନେ ଛଅ କୁଇଣ୍ଟାଲ ଝାଡୁ, ଝାଡୁ ବାନ୍ଧିବା ପାଇଁ ପ୍ଲାଷ୍ଟିକ୍ ବ୍ୟାଣ୍ଡ ୯୦୦ ଟଙ୍କାର କିଣିଲେ ଓ ୧୦ ଜଣ ସଭ୍ୟଙ୍କର ଦେଢ ଦିନର ମଜୁରୀ ଦିନକୁ ୧୦୦ ଟଙ୍କା ଦରରେ ଖର୍ଚ୍ଚ କଲେ। ସ୍ଥାନୀୟ ଗୁଡାରୀ ଓ ଗୁମୁଡାର ଦୁଇ ବ୍ୟବସାୟୀ ସେମାନଙ୍କ ଝାଡୁକୁ ପ୍ରତି ଖଣ୍ଡ ୫୦ ଟଙ୍କା ଦରରେ କିଣିଲେ। ମାସକ ମଧ୍ୟରେ ସେମାନେ ୩୬୦୦ ଟଙ୍କା ଲାଭ ପାଇପାରିଲେ। ଏବେ ସେମାନେ ଖୁବ୍ ଖୁସି ଓ ନିୟମିତଭାବେ ଏହି ବ୍ୟବସାୟ କରିବାକୁ ଆଗ୍ରହୀ।

ଲକ୍ଷ୍ମୀଧର ନାୟକ, ଏଫଏଲଇ, ରାୟଗଡା

# ଭାରତୀୟ
# ଜଙ୍ଗଲ କଂଗ୍ରେସରେ ଅଂଶଗ୍ରହଣ

ନୂଆଦିଲ୍ଲୀସ୍ଥିତ ନ୍ୟାସନାଲ ଏକାଡେମୀ ଅଫ ଏଗ୍ରିକଲଚର ସାଇନ୍ସ କମ୍ପ୍ଲେକ୍ସଠାରେ ନଭେମ୍ବର ୨୨ରୁ ୨୫ ଯାଏଁ ଆୟୋଜିତ ପ୍ରଥମ ଭାରତୀୟ ଜଙ୍ଗଲ କଂଗ୍ରେସରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଂଶଗ୍ରହଣ କରିଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବିନୋଦକୁମାର, ଭା.ବ.ସେ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରାଜୀବ କୁମାର, ଭା.ବ.ସେ, ଉପ ପ୍ରକଳ୍ପ ନିର୍ଦ୍ଦେଶକଦ୍ୱୟ ଶ୍ରୀ ଦେବାଶିଷ ବିଶ୍ୱାଳ ଓ ଶ୍ରୀ ଅମାୟ ପରିଡା କଂଗ୍ରେସରେ ଯୋଗଦେଇଥିଲେ। ବନ ସଂରକ୍ଷଣ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମନୋନୀତ ଏକ ଦଳ ମଧ୍ୟ ସେମାନଙ୍କ ଉତ୍ପାଦସହ ଏଥିରେ ଅଂଶଗ୍ରହଣ କରିଥିଲେ। ସେହି ଉତ୍ପାଦର ପ୍ରଦର୍ଶନକୁ ସେଠାରେ ପ୍ରଶଂସା କରାଯାଇଥିଲା। ସେହି ପ୍ରଦର୍ଶନ ସମେତ ଏସଏଚଜିଗୁଡିକ ସେଠାରେ ସାମଗ୍ରୀ ବିକ୍ରି ମଧ୍ୟ କରିଥିଲେ। ରାଜ୍ୟର ଅନ୍ୟ ଯେଉଁ ଅଧିକାରୀମାନେ କଂଗ୍ରେସରେ ଅଂଶଗ୍ରହଣ କରିଥିଲେ ସେମାନେ ହେଲେ ଶ୍ରୀ ପି.ଏନ. ପାଢୀ, ଭା.ବ.ସେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓଡ଼ିଶା, ଡଃ ଅଜୟ କୁମାର ମହାପାତ୍ର, ଭା.ବ.ସେ ମୁଖ୍ୟ କାର୍ଯ୍ୟନିର୍ବାହୀ ଆରପିଆରସି, ଶ୍ରୀ ଜି. ରାଜେଶ, ଭା.ବ.ସେ ବନଖଣ୍ଡ ଅଧିକାରୀ ଖୋର୍ଦ୍ଧା। ଉଦ୍‌ଘାଟନୀ ସମାରୋହରେ "ଭଏସେସ୍ ଫ୍ରମ୍ ଦି ଫିଲ୍ଡ" ନାମକ ଏକ ପୁସ୍ତକକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀମତୀ ଜୟନ୍ତୀ ନଟରାଜନ  ଉନ୍ମୋଚନ କରିଥିଲେ। ଓଡ଼ିଶାର ଦୁଇଟି ସଫଳ କଥା ଏହି ପୁସ୍ତକରେ ପ୍ରକାଶ ପାଇଛି, ଯେଉଁଥିରେ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଉଲ୍ଲେଖ ରହିଛି। ଯୁଗ୍ମ ବନ ପରିଚାଳନା ସମ୍ମିଳନୀରେ ପୋକଟୁଙ୍ଗା ଦେହୁରୀସାହି ଭିଏସଏସର ସଭ୍ୟ ଶ୍ରୀ ସୁରେଶ ଚନ୍ଦ୍ର ଦେହୁରୀ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମୂଳଶଙ୍କର ରାଜଶଙ୍କର ଭିଏସଏସରେ ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ନେଇ ଏକ ଡକୁମେଣ୍ଟାରୀ ଫିଲ୍ମ ବିଭିନ୍ନ ରାଜ୍ୟରୁ ଆସିଥିବା ଅଂଶଗ୍ରହଣକାରୀମାନଙ୍କୁ ପ୍ରଦର୍ଶନ କରାଯାଇଥିଲା। ଯାହାକୁ ସମସ୍ତେ ପ୍ରଶଂସା କରିଥିଲେ।












# ସାତକୋଶିଆରେ ପରିବେଶ ପର୍ଯ୍ୟଟନ ପାଇଁ ନୂତନ ବ୍ୟବସ୍ଥାର ଉଦ୍‌ଘାଟନ

www.satkosia.org

ଗୋଷ୍ଠୀ ପରିଚାଳନାଭିତ୍ତିକ ଏକ ପ୍ରକୃତି (କ୍ୟାମ୍ପ) ଶିବିର ସାତକୋଶିଆର ଛୋଟକେଇ ଗ୍ରାମରେ ଆରମ୍ଭ କରାଯାଇଛି। ଏହି ପରିବେଶ ପର୍ଯ୍ୟଟନ କେନ୍ଦ୍ରକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଅଧୀନରେ ବିକଶିତ କରାଯାଇଛି। ପରିଦର୍ଶକମାନଙ୍କୁ ପ୍ରକୃତିର ଭରପୁର ମଜା ଉଠାଇବାର ସୁଯୋଗ ଦେବା ସହ ସଂରକ୍ଷଣ ସଚେତନତା ବୃଦ୍ଧି କରାଇବା ଶିବିର ସ୍ଥାପନର ଲକ୍ଷ୍ୟ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ବିନୋଦକୁମାର, ଭା.ବ.ସେ,ଙ୍କ ଉପସ୍ଥିତିରେ ୨୦୧୧ ଡିସେମ୍ବର ୭ ତାରିଖରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ସଞ୍ଜୀବ ସାହୁ ଏହାର ଉଦ୍‌ଘାଟନ କରିଥିଲେ। ଏହି ଶିବିର ପରିବେଶକୁ ସୁହାଇବା ପରି ସ୍ଥାପତ୍ୟ କଳା ଦ୍ୱାରା ନିର୍ମିତ ହୋଇଥିବାବେଳେ ଚାରିପାଖରେ ଗ୍ରାମ୍ୟ ପରିବେଶ ରହିଛି। ଶିବିର ନିର୍ମାଣରେ ଯଥାସମ୍ଭବ ପ୍ରଦୂଷଣମୁକ୍ତ ସାମଗ୍ରୀ ଯଥା କମ୍ପ୍ରେସଡ୍ ଇଟା, ବାଉଁଶ, ବାଉଁଶ ତାଟି, ନଡା ଛପର ଆଦି ବ୍ୟବହାର କରାଯାଇଛି। ଛୋଟକେଇ ଗାଁ ଲୋକେ ସ୍ଥାନୀୟ ମିସ୍ତ୍ରୀ ଓ କାରିଗରଙ୍କ ସହାୟତାରେ ଏହାର ନିର୍ମାଣ କରାଇଛନ୍ତି। ଶିବିରଟି ଛୋଟକେଇ ଗ୍ରାମର ଏକ ଅଣ ଜଙ୍ଗଲ ଜମି ଉପରେ ସ୍ଥାପନ କରାଯାଇଛି।

ଛୋଟକେଇ ଗ୍ରାମର ଲୋକେ ଏହି ଶିବିରର ପରିଚାଳନା କରିବେ। ୧୪ଟି ପରିବାର ଚିହ୍ନଟ କରାଯାଇ ସେମାନଙ୍କୁ ଅତିଥି ସତ୍କାର, ଖାଦ୍ୟ ପରିବେଷଣ, ଘର ସଫେଇ ଓ ରକ୍ଷଣାବେକ୍ଷଣ, ଅତିଥି ସ୍ୱାଗତ ଆଦି ବିଷୟରେ ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟରିଂ ଇନ୍‌ଷ୍ଟିଚ୍ୟୁଟ, ଭୁବନେଶ୍ୱରଠାରେ ତାଲିମ ପ୍ରଦାନ କରାଯାଇଛି। ଏହି ଶିବିରର ଲାଭାଂଶକୁ ଗ୍ରାମର ପରିବାର ଓ ପରିବେଶ ବିକାଶ କମିଟି ମାଧ୍ୟମରେ ଜୀବିକା ନିର୍ବାହ ବିକାଶ ନିମନ୍ତେ ବଣ୍ଟନ କରାଯିବ। ଏହି ପ୍ରକୃତି ଶିବିର ମାଧ୍ୟମରେ ପରିଦର୍ଶକମାନେ ମହାନଦୀରେ ବିହାର, ପ୍ରକୃତି କୋଳରେ ପାହାଡ ଚଢା ଆଦିର ମଜା ଉଠାଇପାରିବେ। www.satkosia.org ୱେବସାଇଟ ମାଧ୍ୟମରେ ଶିବିର ପାଇଁ ଅନ୍‌ଲାଇନ୍ ବୁକିଂ କରାଯାଇପାରିବ।









# ଭିଏସଏସ କୋଠା
## ଗ୍ରାମ୍ୟ ସମ୍ପଦ କେନ୍ଦ୍ରଭାବେ ବ୍ୟବହୃତ



ଆନ୍ତରୀଣ
ଗୋଦାମଭାବେ
ଭିଏସଏସ କୋଠାର
ବ୍ୟବହାର

ସମ୍ବାଦପତ୍ର, ପତ୍ରିକା,
ଫର୍ମ ଆଦି ଭିଏସଏସ
କୋଠାରେ ଉପଲବ୍ଧ



ଭିଏସଏସ କୋଠାରେ
ଦକ୍ଷତା ବୃଦ୍ଧି
କାର୍ଯ୍ୟକ୍ରମ

ଏନଆରଏଚଏମ/
ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା
ମଶାରୀ ବଣ୍ଟନ

ଅଣଆନୁଷ୍ଠାନିକ ଶିକ୍ଷାକେନ୍ଦ୍ର
ଭାବେ ବ୍ୟବହୃତ
ଭିଏସଏସ
କୋଠା













ଆୟ
ସୃଷ୍ଟିକାରୀ
କାର୍ଯ୍ୟକଳାପ ପାଇଁ
ଏସଏଚଜି ଦ୍ୱାରା
ଭିଏସଏସ କୋଠାର
ବ୍ୟବହାର





ଟୀକାକରଣ
ପାଇଁ ଭିଏସଏସ
କୋଠାର
ବ୍ୟବହାର

ସଚେତନତା କେନ୍ଦ୍ରଭାବେ
ଭିଏସଏସ କୋଠାର
ବ୍ୟବହାର



ସ୍ୱାସ୍ଥ୍ୟଶିବିର
କାର୍ଯ୍ୟକ୍ରମ ପାଇଁ
ଭିଏସଏସ କୋଠାର
ବ୍ୟବହାର



# ଜାଇକା କର୍ମଶାଳାରେ ଓଏଫଏସଡିପିର ଅଂଶଗ୍ରହଣ




ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା (ଜାଇକା), ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସହ ମିଶି ୨ ଡିସେମ୍ବର ୨୦୧୧ରେ ଏକ ଦିନିକିଆ କର୍ମଶାଳା ଦିଲ୍ଲୀରେ ଆୟୋଜନ କରାଇଥିଲା। ଭାରତରେ ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପଗୁଡ଼ିକର ପ୍ରଭାବ ସମ୍ପର୍କରେ ବିଶ୍ଳେଷଣ କରିବା ଓ ଅଭିଜ୍ଞତା ବର୍ଣ୍ଣନା କରିବା ଏବଂ ବନାଞ୍ଚଳ କ୍ଷେତ୍ରରେ ଭବିଷ୍ୟତର ଆହ୍ୱାନ ଉପରେ ସାଧାରଣଭାବେ ଆଲୋଚନା କରିବାକୁ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। କର୍ମଶାଳାରେ ଆଲୋଚିତ ହୋଇଥିବା କେତେକ ମୁଖ୍ୟ ବିଷୟ ହେଲା:

- ପ୍ରକଳ୍ପ କାର୍ଯ୍ୟପ୍ରଣାଳୀ ଓ ପ୍ରଭାବକୁ ଚିରସ୍ଥାୟୀ କରିବା
- ବିଭିନ୍ନ ଅଂଶଗ୍ରହଣକାରୀଙ୍କ ଦକ୍ଷତା ବୃଦ୍ଧି କରାଇବା ଏବଂ
- ଫଳପ୍ରଦ କାର୍ଯ୍ୟକାରିତା ପ୍ରଣାଳୀ

ଓଏଫଏସଡିପିରୁ ଶ୍ରୀ ବିନୋଦକୁମାର, ପ୍ରକଳ୍ପ ନିର୍ଦ୍ଦେଶକ ଓ ଦୁଇ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରାଜୀବ କୁମାର ଓ ଶ୍ରୀ ଦେବୀଦତ୍ତ ବିଶ୍ୱାଳ କର୍ମଶାଳାରେ ଯୋଗ ଦେଇଥିଲେ। ଶ୍ରୀ ଷିନିଚି ୟାମାନାକ, ମୁଖ୍ୟ ପ୍ରତିନିଧି ଜାଇକା, ଦିଲ୍ଲୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ଏ.କେ ବଂସଲ, ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ପ୍ରାଥମିକ ଉଦ୍‌ବୋଧନ ଦେଇଥିଲେ। ଅଧିବେଶନ-୧ରେ 'ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପଗୁଡ଼ିକର ପ୍ରଭାବ ଓ ପରିଣାମ' ଶୀର୍ଷକରେ ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ଉପସ୍ଥାପନ କରିଥିଲେ। ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଓଏଫଏସଡିପି, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଉପସ୍ଥାପନ କରିଥିଲେ ଓ ପ୍ରାପ୍ତ ସଫଳତାକୁ ଉଚ୍ଚପ୍ରଶଂସା କରାଯାଇଥିଲା। ଅଧିବେଶନ-୨ରେ ତିନିଟି ଗୋଷ୍ଠୀକୁ ନେଇ 'ଜାଇକା ସହାୟତାପ୍ରାପ୍ତ ବନାଞ୍ଚଳ ପ୍ରକଳ୍ପର ଆହ୍ୱାନ' ଉପରେ ଗୋଷ୍ଠୀଭିତ୍ତିକ ଆଲୋଚନା ହୋଇଥିଲା। ଗୋଷ୍ଠୀ୩ର ଆଲୋଚନା 'ଫଳପ୍ରଦକାର୍ଯ୍ୟକାରିତା ପ୍ରଣାଳୀ'କୁ ଉଭୟ ଶ୍ରୀ ଏ.କେ ବଂସଲ ଓ ଶ୍ରୀ ବିନୋଦକୁମାର ପରିଚାଳନା କରିଥିଲେ। ଭାରତ ସରକାରଙ୍କ ଇନ୍‌ସପେକ୍ଟର ଜେନେରାଲ ଫରେଷ୍ଟସ୍ ଶ୍ରୀ ଆର.କେ ଗୋଏଲ ଉଦ୍‌ଯାପନ ଅଭିଭାଷଣ ପ୍ରଦାନ କରିଥିଲେ।

## ପ୍ରକାଶନ




## ଉତ୍ତରପ୍ରଦେଶ ଜଙ୍ଗଲ ଅଧିକାରୀଙ୍କ ଓଏଫଏସଡିପି ପରିଦର୍ଶନ

ଉତ୍ତରପ୍ରଦେଶ ସହଯୋଗଭିତ୍ତିକ ଜଙ୍ଗଲ ପରିଚାଳନା ଏବଂ ଦାରିଦ୍ର୍ୟ ଦୂରୀକରଣ ପ୍ରକଳ୍ପର ୨୨ଜଣ ବରିଷ୍ଠ ବନ ଅଧିକାରୀ ୨୦୧୧ ଡିସେମ୍ବର ୬ରୁ ୧୧ ଯାଏଁ ଶିକ୍ଷା ପରିଭ୍ରମଣରେ ଓଡ଼ିଶା ଆସି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟଧାରା ଉପରେ ଅନୁଧ୍ୟାନ କରିଥିଲେ। ପ୍ରକଳ୍ପ ପରିଚାଳନା କେନ୍ଦ୍ରରେ ସେମାନଙ୍କୁ ପ୍ରକଳ୍ପ ସମ୍ପର୍କରେ ସମ୍ୟକ ଧାରଣା ଦିଆଯିବା ପରେ ଅନଗୁଳ ଯାଇ ବିଭିନ୍ନ ବନ ସୁରକ୍ଷା ସମିତିର କାର୍ଯ୍ୟକଳାପ ଅନୁଧ୍ୟାନ କରିବା ସହ ବନ ସୁରକ୍ଷା ସମିତିର ସଭ୍ୟମାନଙ୍କ ସହ ସେମାନେ ଆଲୋଚନା କରିଥିଲେ। ସେଠାରୁ ସେମାନେ ସାତକୋଶିଆ (ବନ୍ୟପ୍ରାଣୀ) ବନଖଣ୍ଡ ଯାଇ ବିଭିନ୍ନ ପରିବେଶ ବିକାଶ କମିଟି ଏବଂ ପରିବେଶ ସ୍ଥଳୀ ବୁଲିବା ସହ ଜୈବବିବିଧତା ପରିଚାଳନା, ମଣିଷ-ପଶୁ ବିବାଦକମାଇବା ଆଦି ବିଷୟରେ ଓଏଫଏସଡିପି ଅଧୀନରେ ଚାଲିଥିବା କାର୍ଯ୍ୟ ନେଇ ଅଭିଜ୍ଞତା ହାସଲ କରିଥିଲେ। ସେମାନେ ଭୁବନେଶ୍ୱର ଫେରିବା ପରେ ପ୍ରାପ୍ତ ଅଭିଜ୍ଞତା ବର୍ଣ୍ଣନା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାପରେ ସେହି ଦଳ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଭ୍ରମଣରେ ଯାଇଥିଲେ। ଏହି ଦଳ ଖୁବ୍ ଭଲ ଅଭିଜ୍ଞତା ହାସଲ କରିଥିଲେ ଓ ଓଏଫଏସଡିପିରୁ ସକାରାତ୍ମକ ଅଭିଜ୍ଞତା ହାସଲ କରିଥିବା ବର୍ଣ୍ଣନା କରିଥିଲେ। ସେମାନଙ୍କ ପ୍ରକଳ୍ପରେ ସଫଳତାର ସହ ତାହା କାର୍ଯ୍ୟକାରୀ କରାଇବେ ବୋଲି ଜଣାଇଥିଲେ। ୨୦୧୦ ପରେ ଉତ୍ତରପ୍ରଦେଶ ଦଳର ଏହା ଦ୍ୱିତୀୟ ଦଫା ପରିଦର୍ଶନ ଥିଲା।


OFSDP
ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦାରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ।

ମନ୍ତବ୍ୟ/ପ୍ରସ୍ତାବ ଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ
ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ ଏ)
E-mail : dpd.pa@ofsdp.org

**ପ୍ରକାଶକ**

**ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ**
ଏସଏଫଟିଆରଆଇ ପରିସର, ଘାଟିକିଆ, ଭୁବନେଶ୍ୱର-୭୫୧ ୦୦୩
ଫୋନ : ୦୬୭୪-୨୩୮୬୦୧୬, ଫ୍ୟାକ୍ସ : ୦୬୭୪-୨୩୮୬୦୮୫
E-mail : webmail@ofsdp.org, http:\\www.ofsdp.org

**ସମ୍ପାଦକ ମଣ୍ଡଳୀ**

ମୁଖ୍ୟ ସମ୍ପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫଏସଡିପି
ପରିଚାଳନା ସମ୍ପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏଚଆରଡି ଏବଂ ଆର)
ସମ୍ପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପି ଆଣ୍ଡ୍ ଏ)
ଉପଦେଷ୍ଟା : ଦଳପତି ସାଧାରଣ ପରାମର୍ଶଦାତା, ଓଏଫଏସଡିପି ଏବଂ
ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଏ ଆଣ୍ଡ୍ ଏଫ), ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ (ଆଇଏମଇ)

ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ
ଫୋନ : ୦୬୭୪-୨୫୪୪୨୦୯